ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

**SESSION :** ୦୨
**CLASS :** ଚତୁର୍ଥ ଶ୍ରେଣୀ
**SUBJECT :** ଓଡ଼ିଆ
**CHAPTER :** ଭାରତ ର ବୁଲ୍‌ବୁଲ୍
**SUBTOPIC :** ବ୍ୟାଖ୍ୟା ଓ କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

# ଶୈକ୍ଷିକ ଉଦ୍ଦେଶ୍ୟ

## ମହାନ ବିଦୁଷୀ ସରୋଜିନୀ ନାଇଡୁ ଙ୍କ ବିଷୟ ରେ ଜାଣିବା



ODM PUBLIC SCHOOL
SCHOOL OF HUMAN EXCELLENCE


ଭାରତର ବୁଲ୍ ବୁଲ୍

ODM
EDUCATIONAL GROUP
Changing your Tomorrow



# ଭାରତର ବୁଲ୍ ବୁଲ୍



ଝିଅଟିଏ ଥିଲା । କବିତା ଲେଖାରେ ତ!’ର ଭାରି ମନ । କି ଦିନ କି ରାତି,ସେ ଏକୁଟିଆ ବସେ । ମନେ ମନେ କଣ ଗୁଣୁ ଗୁଣୁ ହୋଇ ଖାତାରେ ଲେଖି ପକାଏ । ବେଳ ପାଇଲେ ବାହାରେ ବୁଲି ସୁନ୍ଦର ସୁନ୍ଦର ଫୁଲ, ଚଢେଇ, ଗଛ ଲତା ସବୁକୁ ଅନେଇ କଣ ଭାବେ । ସତେ ଯେପରି ଏମାନେ ତାର ଅତି ଆପଣାର ।ଏକଥା ମାଆ ଙ୍କ ଛଡା ଅନ୍ୟ କେହି ଜାଣି ପାରନ୍ତି ନାହଁ ।ମାଆ ଝିଅ କୁ ଉତ୍ସାହ ଦିଅନ୍ତି । ବାପା କିନ୍ତୁ ଚାହାଁନ୍ତି ଓଲଟା । ବାପାଙ୍କ ଇଛା, ଝିଅ ଅଙ୍କ କଷୁ, ହିସାବ କିତାବ ଭଲ ଜାଣୁ ।



ଥରେ  ବାପା ଝିଅ କୁ କେତେଖଣ୍ଡ  ଅଙ୍କ କଷିବାକୁ  ଦେଲେ  । ମାତ୍ର  ଝିଅ ର  ଅଙ୍କ କଷିବାରେ  ମନ  ନାହିଁ । ଅଙ୍କ କଷିବା ପାଇଁ ବାଧ କରି  ବାପା ତାକୁ ଗୋଟିଏ କୋଠରୀ ଭିତରେ  ରଖି   ବାହାରୁ  କବାଟ   କିଳି ଦେଲେ  ।  କେତେ  ସମୟ  ପରେ   ଆସି କବାଟ  ଖୋଲିଲେ  ।  ମାତ୍ର ଏ କଣ ?  ଝିଅ ଟି ଅଙ୍କ ନକଷି  ଲେଖି  ପକାଇଛି  ଏକ ସୁନ୍ଦର  କବିତା ।

# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | | |
|---|---|---|
| ଭାରି ମନ | - | ଭଲପାଇବା /ପ୍ରବଳ ଇଚ୍ଛା |
| ଗୁଣୁ ଗୁଣୁ | – | ମନେ ମନେ କହିବା |
| ଆପଣାର | - | ନିଜର |
| ଉତ୍ସାହ | – | ପ୍ରେରଣା |

# ଭାରତର ବୁଲ୍ ବୁଲ୍



କବିତା ଟି ଲେଖା ଯାଇଛି ଇଂରାଜୀ ଭାଷାରେ । ବାପା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ମନେ ମନେ କହି ପକାଇଲେ "ବାଃ, କେଡେ ସୁନ୍ଦର କବିତା! ସେ ଭାବିଲେ ତାଙ୍କ ଝିଅ ଭବିଷ୍ୟତରେ ନିଶ୍ଚୟ ଜଣେ ବଡ଼ କବି ହେବ । କବି ଭାବରେ ନାଆଁ କରିବ । ପାଠ ପଢା ସହିତ ଝିଅଟିର ମନ ପ୍ରାଣ ଲାଗି ରହିଲା କବିତା ଲେଖାରେ ।

# ଭାରତର ବୁଲ୍ ବୁଲ୍

ODM EDUCATIONAL GROUP
Changing your Tomorrow

ବଡ଼ ହେଲା ପରେ ସତକୁ ସତ ସାରା ପୃଥିବୀ ରେ ନାଁ କଲା । ଏବେ ତାଙ୍କ କବିତା ସ୍କୁଲ କଲେଜ ରେ ପଢା ହେଉଛି । ତାଙ୍କ ଲେଖା ପଢି ଲୋକେ ଆନନ୍ଦ ପାଉଛନ୍ତି । ଏହି ନାରୀ କବିଙ୍କର ଇଂରାଜୀ ଭାଷାରେ ବେଶ ଦକ୍ଷତା ଥିଲା । ଇଂରେଜ ଲୋକମାନେ ମଧ୍ୟ ତାଙ୍କ କବିତା କୁ ପ୍ରଶଂସା କରୁଥିଲେ । ତାଙ୍କ କବିତା ରେ ମୁଗ୍ଧ ହୋଇ ତାଙ୍କୁ କହୁଥିଲେ "ପ୍ରାଚ୍ୟ ଜଗତ ର କୋକିଳ " ଆଉ କେହି କେହି କହିଲେ 'ଭାରତର ବୁଲ ବୁଲ '। ଏହି ମହିଳା ଜଣକ ହେଉଛନ୍ତି ଭାରତର ଲୋକ ପ୍ରିୟ ନେତ୍ରୀ, ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଇଡୁ ।

# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | | |
|---|---|---|
| କିଳି | – | ବନ୍ଦ କରି |
| ନାଁ କରିବା | – | ସୁନାମ ଅର୍ଜନ କରିବା |
| ଦକ୍ଷତା | – | ନିପୁଣତା |
| ମୁଗ୍ଧ | – | ଖୁସି |
| ପ୍ରାଚ୍ୟ | – | ପୂର୍ବ |

# ଗୃହକର୍ମ



କଠିନ ଶବ୍ଦ ଗୁଡିକୁ ଖାତା ରେ ଲେଖ ଓ ମନେ ରଖ

EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP